# ସତ୍ୟବାଣୀ

# VOICE OF TRUTH

VOL - VII KAKINADA JAN-FEB


## ପରମେଶ୍ୱର କି ଦୁଷ୍ଟମାନଙ୍କୁ ଦଣ୍ଡ ଦେବେ ?

### (Will the God punish the wicked ?)

ଏହି ଜଗତ ଦୁଷ୍ଟତାରେ ପରିପୂର୍ଣ୍ଣ । ସମସ୍ତ ପ୍ରକାର ପାପ ଓ ଅପରାଧରେ ମନୁଷ୍ୟମାନଙ୍କ ଜୀବନ ଭରି ରହିଅଛି । ଅଧିକାଂଶ ଲୋକେ ସତ୍ୟ ପରମେଶ୍ୱରଙ୍କ ଠାରେ ବିଶ୍ୱାସ ନ ରଖି, ଘୋର ଅନ୍ଧକାରରେ ବୁଡ଼ି ରହିଅଛନ୍ତି । ଅନ୍ୟପକ୍ଷରେ, ପ୍ରେମମୟ ପିତା ଆପଣା ସନ୍ତାନ ମାନଙ୍କୁ ଦଣ୍ଡ ଦେବେ ନାହିଁ ବୋଲି ଅନେକ ଭ୍ରାନ୍ତ ହୁଅନ୍ତି । ଏଥିପାଇଁ ମରଣ ଭୋଗିବା ପ୍ରତ୍ୟେକ ମନୁଷ୍ୟ 'ସ୍ୱର୍ଗତଃ' ଅଟନ୍ତି ବୋଲି ଅନେକଙ୍କ ମନୋଭାବ ।

ପରମେଶ୍ୱର କି ମନୁଷ୍ୟକୃତ ପାପ ପ୍ରତି ଦୃଷ୍ଟି କରନ୍ତି ନାହିଁ ? ଆପଣା ଇଚ୍ଛାନୁଯାୟୀ ଜୀବନଯାପନ କରି ମନୁଷ୍ୟ କି ପରମେଶ୍ୱରଙ୍କ ଠାରେ ଗ୍ରାହ୍ୟ ହୋଇପାରେ ? ଧାର୍ମିକ ଓ ଅଧାର୍ମିକଙ୍କୁ ପରମେଶ୍ୱର କି ସମାନ ଭାବେ ପୁରସ୍କୃତ କରିବେ ?

ବିଚାର ଦିନରେ ପରମେଶ୍ୱର କିପରି ଆମ୍ଭମାନଙ୍କୁ ପ୍ରତିଫଳ ଦେବେ, ମନୁଷ୍ୟର ଇତିହାସ ପରୀକ୍ଷା କରିବା ଦ୍ୱାରା ଜ୍ଞାତ ହୋଇପାରିବା । ପରମେଶ୍ୱର ଆଦମ ଓ ହବାଙ୍କୁ ସୃଷ୍ଟି କରି ସୁନ୍ଦର ଏଦନ ଉଦ୍ୟାନରେ ରଖିଲେ, ଯାହା ଜୀବନ ବୃକ୍ଷ ଓ ମନୁଷ୍ୟର ଆବଶ୍ୟକୀୟ ପଦାର୍ଥ ଦ୍ୱାରା ଭରପୂର ଥିଲା । ଉଦ୍ୟାନର ମଧ୍ୟସ୍ଥଳରେ ଥିବା ବୃକ୍ଷର ଫଳ ନ ଖାଇବାକୁ ପିତା ପରମେଶ୍ୱର ସେମାନଙ୍କୁ ଆଜ୍ଞା ଦେଇଥିଲେ । ସେହି ବୃକ୍ଷର ଫଳ ଖାଇବା ଦିନ ସେମାନେ ନିଶ୍ଚିତଭାବେ ମୃତ୍ୟୁ ଭୋଗିବେ ବୋଲି ସେମାନେ ପରମେଶ୍ୱରଙ୍କ ଦ୍ୱାରା ସତର୍କତା ପ୍ରାପ୍ତ ହୋଇନଥିଲେ । ସର୍ପରୂପ ଶୟତାନ ଦ୍ୱାରା ସେମାନେ ପ୍ରତାରିତ ଓ ଆକର୍ଷିତ ହୋଇ ସେହି ନିଷେଧିତ ବୃକ୍ଷର ଫଳ ଭୋଜନ କରିଥିଲେ । ସେମାନଙ୍କ ଅନାଜ୍ଞାବହତା ଯୋଗୁଁ ସେହି ଫଳ ସେମାନେ ଆତ୍ମିକଭାବେ ମୃତ୍ୟୁବରଣ କରିଥିଲେ । କାରଣ ପରମେଶ୍ୱରଙ୍କ ଆଜ୍ଞା ଲଙ୍ଘନ ହିଁ ପାପ । ତାହା କେବଳ ନୁହେଁ, ସେମାନେ ସୁନ୍ଦର ଏଦନରୁ ତାଡ଼ିତ ହୋଇ, କଷ୍ଟକର ଜୀବିକା ନିର୍ବାହ କରି, ପ୍ରସବ-ବେଦନା ସହ ପୁତ୍ରକନ୍ୟା ଜନ୍ମ ଦେଇ ଶେଷରେ ଶାରୀରିକ ଭାବେ ମୃତ୍ୟୁ ଭୋଗିଲେ । ପରମେଶ୍ୱର ପ୍ରେମମୟ ଅଟନ୍ତି, ତଥାପି

ଆଜ୍ଞାଲଙ୍ଘନକାରୀମାନଙ୍କ ସେ ଦଣ୍ଡଦାତା ଅଟନ୍ତି । ଏହି କାହାଣୀ ଆମ୍ଭେମାନେ ଆଦି ପୁସ୍ତକ ୨ ଓ ୩ୟ ଅଧ୍ୟାୟରେ ପଢ଼ିପାରୁ ।

ମନୁଷ୍ୟର ଦୁଷ୍ଟତା ପ୍ରତିଫଳେ ଏହି ଜଗତ ଏକ ମହାବନ୍ୟା ଦ୍ୱାରା ବିନଷ୍ଟ ହୋଇଥିବାର କାହାଣୀ ପଢ଼ିପାରୁ । ଯାହା କହେ,"ଅନନ୍ତର ସଦାପ୍ରଭୁ ଦେଖିଲେ ଯେ, ପୃଥିବୀରେ ମନୁଷ୍ୟର ଦୁଷ୍ଟତା ଅତି ବଡ଼, ଆଉ ତାହାର ଅନ୍ତଃକରଣର ଭାଜନରେ ମନୁଷ୍ୟଙ୍କୁ ନିର୍ମାଣ କରିବା ହେତୁରୁ ଅନୁତାପ କରି ମନରେ ଶୋକ କଲେ । ତାହିଁରେ ସଦାପ୍ରଭୁ କହିଲେ, ଆମ୍ଭେ ଭୂମଣ୍ଡଳରୁ ଭରୋଗାମୀ ଜନ୍ତୁ ଓ ଖେଚର ପକ୍ଷୀଗଣଙ୍କୁ ଲୁପ୍ତ କରିବା କାରଣ ଆମ୍ଭେ ସେମାନଙ୍କୁ ନିର୍ମାଣ କରିବାରୁ ଆମ୍ଭର ଅନୁତାପ ହେଉଅଛି । ମାତ୍ର ନୋହ ସଦାପ୍ରଭୁଙ୍କ ଦୃଷ୍ଟିରେ ଅନୁଗ୍ରହପ୍ରାପ୍ତ ହେଲେ । ନୋହଙ୍କର ବଂଶାବଳୀ ଏହି । ନୋହ ଆପଣା ବର୍ତ୍ତମାନ ସମୟର ଲୋକମାନଙ୍କ ମଧ୍ୟରେ ଧାର୍ମିକ ଓ ସାଧୁ ଲୋକ ଥିଲେ । ନୋହ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ । ନୋହ, ଶେମ ଓ ହାମ ଓ ଯାଫତ୍, ଏହି ତିନି ପୁତ୍ରଙ୍କୁ ଜାତ କଲେ । ସେହି ସମୟରେ ପୃଥିବୀ ପରମେଶ୍ୱରଙ୍କ ସାକ୍ଷାତରେ ଭ୍ରଷ୍ଟ ଥିଲା ଓ ପୃଥିବୀ ଦୌରାତ୍ମ୍ୟରେ ପରିପୂର୍ଣ୍ଣ ଥିଲା । ପୁଣି ପରମେଶ୍ୱର ପୃଥିବୀରେ ଦୃଷ୍ଟିପାତ କରି ଦେଖିଲେ ଯେ, ତାହା ଭ୍ରଷ୍ଟ ହୋଇଅଛି । ଯେହେତୁ ପୃଥିବୀସ୍ଥ ସମସ୍ତ ପ୍ରାଣୀ ଭ୍ରଷ୍ଟାଚାରୀ ହୋଇଅଛନ୍ତି ।"

ମନୁଷ୍ୟମାନଙ୍କ ଦୁଷ୍ଟତା ହେତୁ ପରମେଶ୍ୱର ସେ ସମୟର ଜଗତକୁ ବିନଷ୍ଟ କରିବାକୁ ନିଶ୍ଚୟ କରି, ନୋହଙ୍କୁ ଏକ ଜାହାଜ ନିର୍ମାଣ କରିବା ନିମନ୍ତେ ଆଜ୍ଞା ଦେଲେ । ପ୍ରତ୍ୟେକ ପଶୁଜାତିର ଏକ ଏକ ଯୋଡ଼ା, ନୋହ ଓ ତାହାଙ୍କ ତିନିପୁତ୍ର ଓ ତିନି ପୁତ୍ରବଧୂର ରକ୍ଷଣା ନିମନ୍ତେ ସେହି ଜାହାଜ ନିର୍ମିତ ହୋଇଥିଲା । ନୋହଙ୍କୁ ସେହି ଜାହାଜ ନିର୍ମାଣ କରୁଥିବା ଶହେ କୋଡ଼ିଏ ବର୍ଷ ସମୟ ପାରିଧିରେ, ଦୁଷ୍ଟ ଜନସମାଜକୁ ଈଶ୍ୱରଙ୍କ ବାକ୍ୟ କରିଥିଲେ, ଯେପରି ସେମାନେ ତାହାଙ୍କ ସହିତ ଜାହାଜରେ ପ୍ରବେଶ କରନ୍ତି । ତଥାପି ସେମାନେ ନୋହଙ୍କ ଚେତାବନୀରେ ଭ୍ରୂକ୍ଷେପ କରିନଥିଲେ । ଚାଳିଶି ଦିବାରାତ୍ର ବର୍ଷାପାତରେ ପୃଥିବୀ ଜଳରେ ମଗ୍ନ ହେଲା ଏବଂ ନୋହ ଓ ତାହାଙ୍କ ପରିବାର ଓ ତାହାଙ୍କ ସହିତ ଜାହାଜରେ ପ୍ରବେଶ କରିଥିବା ପଶୁପକ୍ଷୀ ବ୍ୟତୀତ ଅନ୍ୟ ସମସ୍ତ ପ୍ରାଣୀ ଜଳପ୍ଲାବନ ଦ୍ୱାରା ବିନଷ୍ଟ ହେଲେ । ପ୍ରେମମୟ ପରମେଶ୍ୱର କି ମନୁଷ୍ୟଙ୍କୁ ବିନଷ୍ଟ କରିପାରନ୍ତି ? ଯଦିଓ ସେ ବିନାଶ ରଚାଇଲେ, ତଥାପି ରକ୍ଷାର ମାର୍ଗ ମାତ୍ର ପ୍ରସ୍ତୁତ କରିଥିଲେ । ଯେଉଁମାନେ ତାହାଙ୍କ ପରିତ୍ରାଣର ମାର୍ଗକୁ ଆପଣାଇଥିଲେ, ସେମାନେ ସେଦିନ ଜାହାଜରେ ରହି ରକ୍ଷାପ୍ରାପ୍ତ ହୋଇଥିଲେ ।

ଦୁଷ୍ଟମାନେ କିପରି ଦଣ୍ଡିତ ହୋଇଥିଲେ, ତାହାର ଅନେକ ଉଦାହରଣ ଆମ୍ଭେମାନେ ପୁରାତନ ନିୟମରେ ତଥା ନୂତନ ନିୟମରେ ପଢ଼ିଥାଉ । ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ ମିଥ୍ୟା କହିଥିବା ହନନୀୟ ଓ ସଫୀରା କିପରି ଗୁରୁତରଭାବେ ଦଣ୍ଡିତ ହୋଇଥିଲେ ଆମ୍ଭେମାନେ ପ୍ରେରିତ କିପରି ଗୁରୁତରଭାବେ ଦଣ୍ଡିତ ହୋଇଥିଲେ ଆମ୍ଭେମାନେ ପ୍ରେରିତ ୫ମ ଅଧ୍ୟାୟରେ ପଢ଼ିପାରୁ । ଯଦିଓ କ୍ରୁଶୀୟ ମୃତ୍ୟୁଭୋଗି

ମନୁଷ୍ୟକୁ ଅନନ୍ତ ଭରସା ଦେବା ନିମନ୍ତେ ଖ୍ରୀଷ୍ଟ ଏହି ଜଗତରେ ମନୁଷ୍ୟରୂପ ଧାରଣ କରିଥିଲେ, ତଥାପି ମନୁଷ୍ୟମାନେ ତାହାଙ୍କ ପରିତ୍ରାଣମାର୍ଗ ଅବଲମ୍ବନ ନ କଲେ ନୋହଙ୍କ ସମୟର ମନୁଷ୍ୟମାନଙ୍କ ସଦୃଶ୍ୟ ବିନଷ୍ଟ ହେବେ । ଖ୍ରୀଷ୍ଟ ଦ୍ୱାରା ପରିତ୍ରାଣର ସର୍ତ୍ତ ଅଗ୍ରାହ୍ୟ କରିବା ମନୁଷ୍ୟମାନଙ୍କ ନିମନ୍ତେ ପରମେଶ୍ୱର ଏକ ଅଗ୍ନିର ହ୍ରଦ ପ୍ରସ୍ତୁତ କରିଅଛନ୍ତି । ସେହି ନିତ୍ୟ ନରକରେ ଦୁଷ୍ଟମାନେ ଅନନ୍ତ ଜୀବନ ବିତାଇବେ । ଲୁକ ୧୫ ଅଧ୍ୟାୟରେ ବର୍ଣ୍ଣିତ ଲାଜର ଓ ନଥନୀ ଲୋକର କାହାଣୀ ଓ ମାଥିଉ ୨୫:୩୧-୪୬ ବର୍ଣ୍ଣିତ ଦୃଶ୍ୟ ଧାର୍ମିକ ଓ ଅଧାର୍ମିକମାନଙ୍କ ଶେଷ ଜୀବନ ବିଷୟରେ ଆମ୍ଭମାନଙ୍କୁ ସୁସ୍ପଷ୍ଟ କରେ । ଜୀବନକୁ ଘେନିଯିବା ସଂକୀର୍ଣ୍ଣ ପଥର ସନ୍ଧାନ ପାଇବା ଲୋକ ଆଦି ଅଳ୍ପ କିନ୍ତୁ ଓସାର ଓ ବିନାଶଜନକ ପଥର ପଥିକ ଅନେକ । (ମାଥିଉ ୭:୧୩-୧୪)

ପ୍ରଶ୍ନ ଉଠେ, ପ୍ରେମମୟ ପିତା କି, ନିତ୍ୟକାଳ ଶୟତାନ ସହିତ ଯନ୍ତ୍ରଣା ଭୋଗିବା ନିମନ୍ତେ ମନୁଷ୍ୟକୁ ନରକରେ ପକାଇବେ ? ପରମେଶ୍ୱର ମନୁଷ୍ୟକୁ ପ୍ରେମ କରି, ସେମାନଙ୍କ ପରିତ୍ରାଣ ନିମନ୍ତେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ କ୍ରୁଶରେ ହତ ହେବା ନିମନ୍ତେ ଏହି ଜଗତରେ ପ୍ରେରଣ କରିଥିଲେ । ଯେଉଁମାନେ ତାହାଙ୍କୁ ଅଗ୍ରାହ୍ୟ କରି ଆପଣା ପାପ ଜୀବନରେ ବୁଡ଼ି ରହନ୍ତି, ସେମାନେ ଆପଣା ବିନାଶ ନିମନ୍ତେ ଆପେ ଦାୟୀ ଅଟନ୍ତି । ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି, ''କାରଣ ସତ୍ୟ ଲାଭ କରିବା ପରେ ଯଦି ଆମ୍ଭେମାନେ ସ୍ୱେଚ୍ଛାଭାବେ ପାପ କରିଥାଉଁ, ତେବେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନ ଥାଏ, ବରଂ ବିଚାରର ଏକ ପ୍ରକାର ଭୟଙ୍କର ପ୍ରତୀକ୍ଷା ଓ ବିପକ୍ଷମାନଙ୍କୁ ଗ୍ରାସକାରୀ ଅମାନ୍ୟ କରେ, ସେ ଦୟା ପ୍ରାପ୍ତ ନ ହୋଇ ଦୁଇ କିମ୍ବା ତିନିଜଣ ସାକ୍ଷୀଙ୍କ ପ୍ରମାଣରେ ହତ ହୁଏ, ତେବେ ଭାବିଦେଖ ଯେ ଈଶ୍ୱରଙ୍କ ପୁତ୍ରଙ୍କୁ ପଦଦଳିତ କରିଅଛି । ନିୟମର ଯେଉଁ ରକ୍ତ ଦ୍ୱାରା ସେ ପବିତ୍ରକୃତ ହୋଇଥିଲା, ତାହକୁ ସାମାନ୍ୟର ବିଷୟ ବୋଲି ମନେ କରିଅଛି ଓ ଅନୁଗ୍ରହଦାତା ଆତ୍ମାଙ୍କୁ ଅବମାନନା କରିଅଛି । ସେ କେତେ ଅଧିକ ଗୁରୁତର ଦଣ୍ଡର ଯୋଗ୍ୟ ନ ହେବ । କାରଣ ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା ଯେ ଏହି କଥା କହି ଅଛନ୍ତି, ତାହଙ୍କୁ ଆମ୍ଭେମାନେ ଜାଣୁ ପୁନଶ୍ଚ, ''ପ୍ରଭୁ ଆପଣା ଲୋକମାନଙ୍କର ବିଚାର କରିବେ । ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ !'' (ଏବ୍ରୀ ୧୦:୨୬-୩୧)

ବିଚାର ଦିନ ସନ୍ନିକଟ ଯେଉଁ ଦିନରେ ଆମ୍ଭେମାନେ ଆପଣା ଆପଣା କୃତ କ୍ରିୟାର ପ୍ରତିଫଳ ପାଇବା ତାହାଙ୍କ ବାକ୍ୟ ପାଳନ କରି ତାହାଙ୍କ ଠାରେ ବିଶ୍ୱସ୍ତ ଜୀବନଯାପନ କରିବା ପ୍ରତ୍ୟେକଙ୍କ ନିମନ୍ତେ ତାହା ମହା ଆନନ୍ଦର ଦିନ ହେବ । କିନ୍ତୁ ଯଦି ଆମ୍ଭେମାନେ ତାହଙ୍କୁ ଅଗ୍ରାହ୍ୟ କରି ଅବିଶ୍ୱସ୍ତ ଜୀବନଯାପନ କରିଥାଉଁ, ସେଦିନରେ ଅନନ୍ତ ଅଗ୍ନିରେ ନିପାତିତ ହେବୁ । ପ୍ରେମମୟ ପିତା ଅନନ୍ତ ଅଗ୍ନିରୁ ଆମ୍ଭମାନଙ୍କୁ ରକ୍ଷା କରିବା ନିମନ୍ତେ ଏକ ପରିତ୍ରାଣ ମାର୍ଗ ପ୍ରସ୍ତୁତ କରିଅଛନ୍ତି । ତାହାଙ୍କ ମାର୍ଗ ଅବଲମ୍ବନ ନ କରିବା ପ୍ରତ୍ୟେକ ଆପଣା ବିନାଶ ନିମନ୍ତେ ଆପେ ଦାୟୀ ଅଟନ୍ତି ।

ଈଶ୍ୱରଙ୍କ ଠାରେ ବିଶ୍ୱାସ କରି, ଆପଣା ପାପରୁ ମନ ପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରି ବାପ୍ତିଜିତ ହେବା ପ୍ରତ୍ୟେକଙ୍କୁ ଈଶ୍ୱର ପରିତ୍ରାଣରୂପ ବରଦାନ ଓ ଅନନ୍ତ ଜୀବନର ଭରସା ପ୍ରଦାନ କରନ୍ତି । ମାର୍କ ୧୬:୧୫,୧୬ ପ୍ରେରିତ ୨:୩୮, ପ୍ରକାଶିତ ୨:୧୦, ୨୨:୧୪)

**- J.C. Choate**

# ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରଧାନ ମହାଯାଜକ

## (Jesus Christ , Our High Priest)

"ଅତଏବ, ହେ ସ୍ୱର୍ଗୀୟ ଆହ୍ୱାନର ସହଭାଗୀ ପବିତ୍ର ଭ୍ରାତୃଗଣ, ଆମ୍ଭମାନଙ୍କ ବିଶ୍ୱାସ ମତାନୁସାରେ ପ୍ରେରିତ ଓ ମହାଯାଜକ ଯୀଶୁଙ୍କ ବିଷୟ ଭାବିଦେଖ ।" (ଏବ୍ରୀ ୩:୧)

ମୋଶାଙ୍କ ବ୍ୟବସ୍ଥା ସମୟରେ ସଦାପ୍ରଭୁ ପରମେଶ୍ୱର ଯାଜକତ୍ୱର ପ୍ରଥା ସ୍ଥାପନ କରିଥିଲେ । ପ୍ରତ୍ୟେକ ଜାତି କିମ୍ବା ଧର୍ମର ଯାଜକ ସଦାପ୍ରଭୁଙ୍କ ଗ୍ରାହ୍ୟଯୋଗ୍ୟ ନଥିଲେ । ଯାଜକମାନଙ୍କ ଯାଜକତ୍ୱ ବିଷୟରେ ଆମ୍ଭେମାନେ ଅନେକ ବିଷୟ ବାକ୍ୟରେ ପଢ଼ି ପାରିଥାଉ ।

ଅନେକ ସମୟରେ ଆମ୍ଭେମାନେ କୌଣସି ମନୁଷ୍ୟ ବା ବୃକ୍ଷର ଛାୟା ପ୍ରଥମେ ଦେଖି ପରେ ବାସ୍ତବ ବିଷୟ ଦେଖିଥାଉଁ । ନୂତନ ନିୟମ ଦତ୍ତ ହେବା ପୂର୍ବେ ସଦାପ୍ରଭୁ ତାହାର ଛାୟା ସଦୃଶ୍ୟ ପୁରାତନ ନିୟମ ଦାନ କରିଥିଲେ । ମୋଶାଙ୍କ ବ୍ୟବସ୍ଥାଧିନ ଅନେକ ବିଷୟରେ ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି,"କାରଣ ବ୍ୟବସ୍ଥା ଆଗାମୀ ଉତ୍ତମ ଉତ୍ତମ ବିଷୟର ଅବିକଳ ପ୍ରତିମୂର୍ତ୍ତି ନହେବାରୁ ଯାଜକମାନଙ୍କର ବର୍ଷକୁ ବର୍ଷ ସର୍ବଦା ସେହି ପ୍ରକାର ବଳି ଉତ୍ସର୍ଗ କରିବା ଦ୍ୱାରା ଉପାସକ ମାନଙ୍କୁ କଦାପି ସିଦ୍ଧ କରିପାରେ ନାହିଁ ।" (ଏବ୍ରୀ ୧୦:୧) ପ୍ରେରିତ ପାଉଲ କହନ୍ତି,"ସେହି ସବୁ ଆଗାମୀ ବିଷୟର ଛାୟା ମାତ୍ର, କିନ୍ତୁ ବାସ୍ତବ ବିଷୟ ଖ୍ରୀଷ୍ଟ ।" (କଲସୀ ୨:୧୭)

ବାଇବଲ ବାକ୍ୟ ସ୍ପଷ୍ଟଭାବେ ଅନୁସନ୍ଧାନ କଲେ ଖ୍ରୀଷ୍ଟ ନୂତନ ନିୟମର ମହାଯାଜକ ଥିବା ବିଷୟ ସ୍ପଷ୍ଟ ହୁଏ । ପୁରାତନ ନିୟମରୂପ ଛାୟା ଓ ନୂତନ ନିୟମ ରକ୍ଷକ ବାସ୍ତବତାର ତୁଳନା କଲେ ଖ୍ରୀଷ୍ଟଙ୍କ ମହାଯାଜକତ୍ୱ ପ୍ରମାଣିତ କରିପାରିବା ।

### ମୋଶାଙ୍କ ବ୍ୟବସ୍ଥାର ମହାଯାଜକ ଓ ଖ୍ରୀଷ୍ଟ :

ଇସ୍ରାଏଲ୍ ଜାତିକୁ ସଦାପ୍ରଭୁ ମୋଶାଙ୍କ ଦ୍ୱାରା ପୁରାତନ ବ୍ୟବସ୍ଥା ପ୍ରାୟ ଖ୍ରୀଷ୍ଟପୂର୍ବ ୧୫୦୦

ମସିହାରେ ସ୍ଥାପିତ କରିଥିଲେ । ଲୋବିୟ ଯାଜକତ୍ୱ ଏହି ବ୍ୟବସ୍ଥା ଅନ୍ତର୍ଭୁକ୍ତ ଅଟେ । ଶପଥ ଦ୍ୱାରା ସଦାପ୍ରଭୁ ଖ୍ରୀଷ୍ଟଙ୍କୁ ଅନନ୍ତକାଳୀନ ଯାଜକ ରୂପେ ନିଯୁକ୍ତ କରିଅଛନ୍ତି । (ଗୀତ ୧୧୦:୪ : ଏବ୍ରୀ ୫:୫, ୭:୨୦-୨୨,୨୮)

ମୋଶୀୟ ବ୍ୟବସ୍ଥା ଆରାଧନା ପ୍ରଥମେ ସମାଗମ ତମ୍ବୁରେ ପରେ ମନ୍ଦିରରେ ନିର୍ବାହିତ ହୋଇଥିଲା । (ଯାତ୍ରା ୨୯:୪୨-୪୬: ୧ମ ଶାମୂ ୩:୧-୨୧, ୧ମ ଶାମୂଏଲ ୬:୧-୩, ୭-୫୦, ୮:୧୧) । କିନ୍ତୁ ଆଜି ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀ ସହିତ ଆରାଧନା କରିବା ଦ୍ୱାରା ହିଁ ସତ୍ୟ ଆରାଧନା କରିଥାଉଁ । (ମାଥିଉ ୧୬:୧୮, ରୋମୀୟ ୧୬:୧୬, ୧ମ ତୀମଥି ୩:୧୫, ୧ମ କରିନ୍ଥୀ ୩:୧୬-୧୭) ଅନ୍ୟ ପକ୍ଷରେ ଖ୍ରୀଷ୍ଟିୟାନ ପ୍ରତ୍ୟେକେ ତାହାଙ୍କ ମନ୍ଦିର ସ୍ୱରୂପ ଅଟନ୍ତି । (୧ମ କରିନ୍ଥୀ ୬:୧୯-୨୦: ୨ୟ କରିନ୍ଥୀ ୬:୧୬)

ମୋଶାଙ୍କ ବ୍ୟବସ୍ଥାଧିନରେ ମନୁଷ୍ୟର ପାପ ନିମନ୍ତେ ପଶୁବଳୀ ନିଆଯାଉଥିଲା । (ଯାତ୍ରା ୨୦:୨୪, ୩୦:୧୦) । କିନ୍ତୁ ସଦାପ୍ରଭୁଙ୍କ ମେଷ ଶାବକ ଆମ୍ଭମାନଙ୍କ ପାପ କ୍ଷମା ନିମନ୍ତେ ଆପଣା ରକ୍ତ ଖ୍ରୀଷ୍ଟଙ୍କ ମୃତ୍ୟୁରେ ମୋଶାଙ୍କ ବ୍ୟବସ୍ଥା ସଫଳ ହୋଇ ଲୁପ୍ତ ହୋଇଥିଲା, ''ପୁଣି ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ପତ୍ର ଥିଲା ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇ ଦେଇ ଆମ୍ଭମାନଙ୍କୁ ପଥରୁ ଦୂର କରିଦେଇଅଛନ୍ତି ।'' (କଲସୀ ୨:୧୪: ଏବଂ ଏଫିସୀ ୨:୧୫-୧୬ : ଗାଲାତୀ ୩:୨୪-୨୫) । ଖ୍ରୀଷ୍ଟଙ୍କ ନୂତନ ନିୟମ ସେହି ସ୍ଥାନ ଗ୍ରହଣ କରିଅଛନ୍ତି । ''କାରଣ ପ୍ରଥମ ନିୟମ ଯଦି ଦୋଷରହିତ ହୋଇଥାନ୍ତା ତେବେ ଦ୍ୱିତୀୟ ନିୟମର କଥା ଉଠି ନଥାନ୍ତା । ଯେଣୁ ସେ ସେଥିରେ ଦୋଷ ପ୍ରକାଶ କରି ସେମାନଙ୍କୁ କହନ୍ତି,''ପ୍ରଭୁ, କହନ୍ତି ଦେଖ ସମୟ ଆସୁଅଛି ଯେତେବେଳେ ଆମ୍ଭେ ଇସ୍ରାଏଲ ବଂଶ ଓ ଯିହୂଦା ବଂଶ ସହିତ ଗୋଟିଏ ନୂତନ ନିୟମ ସ୍ଥାପନ କରିବା, ଯେଉଁ କାଳରେ ଆମ୍ଭେ ସେମାନଙ୍କ ପିତୃପୁରୁଷ ମାନଙ୍କୁ ହସ୍ତ ଧରି ମିଶର ଦେଶରୁ ବାହାର କରିଆଣିଥିଲୁ । ସେହି ସମୟରେ ସେମାନଙ୍କ ସହିତ ଆମ୍ଭେ ଯେଉଁ ନିୟମ କରିଥିଲୁ । ଏହା ତଦନୁଯାୟୀ ନୁହେଁ । ଯେଣୁ ସେମାନେ ଆମ୍ଭ ନିୟମରେ ସ୍ଥିର ରହିଲେ ନାହିଁ, ଆଉ ଆମ୍ଭେ ସେମାନଙ୍କ ପ୍ରତି ମନୋଯୋଗ କଲୁ ନାହିଁ । ଏହା ପ୍ରଭୁ କହନ୍ତି ।'' (ଏବ୍ରୀ ୮:୭-୯ ଏବଂ ୯:୧୫-୧୭: ୧୦:୯) ମୃତ୍ୟୁରୁ ଉତ୍ଥାପିତ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରଧାନ ଯାଜକ ଅଟନ୍ତି । (ଏବ୍ରୀ ୩:୧) ସେ ଆପଣା ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇ, ଯାଜକତ୍ୱର କର୍ମ ନିର୍ବାହିତ କରୁଅଛନ୍ତି । (ଏବ୍ରୀ ୭:୨୧, ଏଫିସୀ ୧:୨୦-୨୩) ପାଳନ କରିଥିଲେ । (ଯିଶାଇୟ ୧:୧୧-୧୮, ୫୩:୫, ୧୦, ପ୍ରେରିତ ୪:୧୨, ଏଫିସୀ ୫:୨, ଏବ୍ରୀ ୯:୧୩-୧୪, ୧୦:୪-୧୨)

ମୋଶାଙ୍କ ବ୍ୟବସ୍ଥାରେ ସଦାପ୍ରଭୁ ହାରୋଣଙ୍କୁ ପ୍ରଥମ ମହାଯାଜକ ରୂପେ ନିଯୁକ୍ତ କରିଥିଲେ । ସେ ଲେବୀ ବଂଶଜାତ ଓ ମୋଶାଙ୍କ ଭ୍ରାତା ଥିଲେ । (ଯାତ୍ରା ୬:୧୬-୨୦) । ହାରୋଣଙ୍କ

ବଂଶଜାତ ହିଁ ଯାଜକ ରୂପେ ନିଯୁକ୍ତ ହେବା ସଦାପ୍ରଭୁଙ୍କ ଆଜ୍ଞା ଥିଲା । (ଯାତ୍ରା ୨୯:୯, ଗଣନା ୩:୬-୧୦) ମୋଶାଙ୍କ ବ୍ୟବସ୍ଥାନୁଯାୟୀ ଲେବିୟ ବଂଶଜାତ ମାନେ ଯାଜକ ପଦବୀର ଯୋଗ୍ୟ ଥିଲେ ଏବଂ ଯୀଶୁଖ୍ରୀଷ୍ଟ ଯିହୂଦା ବଂଶଜାତ ହୋଇଥିବାରୁ ମୋଶାଙ୍କ ବ୍ୟବସ୍ଥା ସମୟରେ ସେ ଯାଜକ ହେବା ଅସମ୍ଭବ ଥିଲା । (ଗାଲାତୀ ୪:୪) ଏବ୍ରୀ ୭:୧୨-୧୪ ପଦରେ କୁହାଯାଏ, ''କାରଣ ଯାଜକତ୍ୱ ଯଦି ପରିବର୍ତ୍ତିତ ହୁଏ ତେବେ ବ୍ୟବସ୍ଥାରେ ମଧ୍ୟ ଅବଶ୍ୟ ପରିବର୍ତ୍ତନ ଘଟେ । ଯେଣୁ ଯାହାଙ୍କ ସମ୍ବନ୍ଧରେ ଏହି ସମସ୍ତ କୁହାଯାଏ । ସେ ଅନ୍ୟ ଏକ ଗୋଷ୍ଠୀର ଲୋକ । ଯେଉଁ ଗୋଷ୍ଠୀର କେହି କେବେ ବେଦୀର କର୍ମ କରିନାହାନ୍ତି । କାରଣ ଏହା ସ୍ପଷ୍ଟ ଯେ ଆମ୍ଭମାନଙ୍କ ପ୍ରଭୁ ଯିହୂଦାଙ୍କ ଗୋଷ୍ଠୀରୁ ଉତ୍ପନ୍ନ ହୋଇଅଛନ୍ତି । ଯେଉଁ ଗୋଷ୍ଠୀର ଯାଜକତ୍ୱ ସମ୍ବନ୍ଧରେ ମୋଶା କିଛି କହିନାହାନ୍ତି ।'' ଯୀଶୁଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁ ଭୋଗ କରି ତାହାଙ୍କ ସଂପୂର୍ଣ୍ଣ ଆଜ୍ଞାବହତାର ପରିଚୟ ଦେଇଅଛନ୍ତି । (ଫିଲିପ୍ପ ୨:୮)

ବର୍ତ୍ତମାନ ପ୍ରତ୍ୟେକ ଖ୍ରୀଷ୍ଟିୟାନ 'ଯାଜକ' ଅଟନ୍ତି । (୧ମ ପିତର ୨:୫, ପ୍ରକାଶିତ ୧:୬) ପାପୀ ଆପଣା ପାପରୁ ବାପ୍ତିସ୍ମ ଦ୍ୱାରା ଧୌତ ହୋଇ ଖ୍ରୀଷ୍ଟଙ୍କ ବଂଶରେ ଅନ୍ତର୍ଭୁକ୍ତ ହୁଏ । (ଯୋହନ ୩:୩-୫, ୧ମ ପିତର ୧୦, ୨୩-୨୫, ଗାଲାତୀ ୩:୬-୯, ଏଫିସୀ ୩:୬) । ''କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ସନ୍ତାନ ହୋଇଅଛ । ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ । ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛୁ । ଯିହୂଦୀ କି ଗ୍ରୀକ୍, ଦାସ କି ସ୍ୱାଧୀନ, ପୁରୁଷ କି ସ୍ତ୍ରୀ, ତୁମ୍ଭମାନଙ୍କ ମଧ୍ୟରେ କିଛି ରହି ପ୍ରଭେଦ ନାହିଁ କାରଣ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ତୁମ୍ଭେମାନେ ଏକ ।'' (ଗାଲାତୀ ୩:୨୬-୨୯)

ମୋଶାଙ୍କ ବ୍ୟବସ୍ଥାନୁଯାୟୀ ମହାଯାଜକ ନିଯୁକ୍ତ ସିଦ୍ଧ ପୁରୁଷ ଥିବା ଆବଶ୍ୟକ ଥିଲା । (ଲେବି ୨୧:୧୬-୨୩) ଯୀଶୁଖ୍ରୀଷ୍ଟ ଶାରୀରିକ ଓ ଆତ୍ମିକ ଭାବେ ନିଯୁକ୍ତ, ନିର୍ଦ୍ଦୋଷ, ସିଦ୍ଧ ଓ ପବିତ୍ର ପୁରୁଷ ଅଟନ୍ତି । (ଯିଶାଇୟ ୫୩:୨)

ମୋଶାଙ୍କ ବ୍ୟବସ୍ଥାନୁଯାୟୀ ଯାଜକତ୍ୱର କାର୍ଯ୍ୟ ବହନ କରିବା ପୂର୍ବେ ଯାଜକ ଜଳ ପ୍ରକ୍ଷାଳନ ଦ୍ୱାରା ଆପଣାକୁ ଧୌତ କରି ଶୁଦ୍ଧ ହେଉଥିଲେ । ସେହିପରିଭାବେ ପ୍ରଭୁ ଯୀଶୁ ବାପ୍ତିସ୍ମରେ ପ୍ରକ୍ଷାଳିତ ହୋଇଥିଲେ । (ମାଥିଉ ୩:୧୩-୧୭) । ପାପ ରହିତ ପରମେଶ୍ୱରଙ୍କ ମେଷ ଶାବକଙ୍କ ଆତ୍ମିକ ପ୍ରକ୍ଷାଳନର ଆବଶ୍ୟକ ନଥିଲା । (ଯିଶାଇୟ ୧୧:୫, ୫୩:୯, ଲୁକ ୧:୩୫,୪:୩୪,ପ୍ରେରିତ ୪:୨୭,୨ୟ କରିନ୍ଥୀ ୫:୨୧, ଏବ୍ରୀ ୪:୧୫, ୧ମ ପିତର ୨:୨୨, ୧ମ ଯୋହନ ୩:୫)

ଯାତ୍ରା ୨୯:୪ ଓ ଲେବି ୮:୬ ତଦନୁଯାୟୀ ଅନ୍ୟଯାଜକ ମାନଙ୍କୁ ମଧ୍ୟ ଜଳ ପ୍ରକ୍ଷାଳନ ଦ୍ୱାରା ଆପଣାକୁ ଶୁଚି କରିବାକୁ ପଡ଼ିଥିଲା । ଆଜି ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ନିକଟବର୍ତ୍ତୀ ହେବା ନିମନ୍ତେ ବାପ୍ତିସ୍ମ ଦ୍ୱାରା ଆପଣା ଆପଣାକୁ ଧୌତ କରିବା ଆବଶ୍ୟକ । (ରୋମୀୟ ୬:୩-୨୩, ୧ମ କରିନ୍ଥୀ

୬:୧୧, ଗାଲାତୀ ୩:୨୬-୨୭, କଲସୀ ୨:୧୨-୧୩, ଏବ୍ରୀ ୧୦:୨୨) ଆପଣା ପାପରୁ ଧୌତ ହୋଇ ଖ୍ରୀଷ୍ଟିୟାନ ହେବା ନିମନ୍ତେ ତଥା ଯାଜକତ୍ୱ ଗ୍ରହଣ କରିବା ନିମନ୍ତେ ଆଜି ମନୁଷ୍ୟକୁ ବାପ୍ତିଜିତ ହେବା ଆବଶ୍ୟକ। (ପ୍ରେରିତ ୨:୩୮, ୮:୧୨-୧୩, ୩୫-୩୮, ୧୭:୩୦, ୨୨:୧୬, ରୋମୀୟ ୧୦:୧୦, ୬:୩-୫, ୧ମ ପିତର ୩:୨୧)। "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ। କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ।" (ମାର୍କ ୧୬:୧୬)

ଲେବି ବଂଶଜାତ ପ୍ରଧାନ ମହାଯାଜକମାନଙ୍କୁ ତୈଳରେ ଅଭିଷିକ୍ତ କରାଯାଇଥିଲା (ଯାତ୍ରା ୨୯:୭, ଲେବି ୮:୧୨, ଗୀତ ୧୩୩:୨) ଯୀଶୁଖ୍ରୀଷ୍ଟ ଆତ୍ମିକଭାବେ ଅଭିଷିକ୍ତ ହୋଇଥିଲେ। "................ଈଶ୍ୱର ତାହାଙ୍କୁ ପବିତ୍ର ଆତ୍ମା ଓ ଶକ୍ତିରେ ଅଭିଷିକ୍ତ କଲେ ଆଉ ସେ ମଙ୍ଗଳ ସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ ସର୍ବତ୍ର ଭ୍ରମଣ କଲେ, କାରଣ ଈଶ୍ୱର ତାହାଙ୍କ ସହବର୍ତ୍ତି ଥିଲେ। (ପ୍ରେରିତ ୧୦:୩୮)

ଲେବିୟ ମହାଯାଜକମାନେ ମୁକୁଟ ଧାରଣ କରୁଥିଲେ। (ଯାତ୍ରା ୩୯:୩୦-୩୧, ଲେବି ୮:୯)। ପ୍ରଭୁଯୀଶୁଙ୍କୁ ଏହି ଜଗତରେ କଣ୍ଟାର ମୁକୁଟ ଧାରଣ କରିବାକୁ ପଡ଼ିଥିଲା। (ମାର୍କ ୧୫:୧୭) ଏବେ ସେ ମହିମାମୟ ପିତାଙ୍କ ଠାରୁ ଗୌରବମୟ ମୁକୁଟ ଧାରଣ କରିଅଛନ୍ତି। (ଏବ୍ରୀ ୨:୭, ୯) ଲେବିୟ ମହଯାଜକମାନଙ୍କ ସଦୃଶ୍ୟ ଯୀଶୁଖ୍ରୀଷ୍ଟ ଆପଣା ପରମେଶ୍ୱରଙ୍କ ଆଜ୍ଞାବହ ଅଟନ୍ତି। (ଯୋହନ ୫:୩୬,୬:୩୮,୮:୨୯,୧୪:୩୧,୧୫:୧୦)

ଅନ୍ୟ ଯାଜକମାନଙ୍କ ଠାରୁ ମହାଯାଜକଙ୍କ କର୍ତ୍ତୃତ୍ୱଭାର ଅଧିକ ଥିଲା। ସେ ମନୁଷ୍ୟମାନଙ୍କ ତଥା ପରମେଶ୍ୱରଙ୍କ ମଧ୍ୟସ୍ଥ ଥିଲେ। (ଯାତ୍ରା ୨୮:୨୯-୩୦, ୩୦:୧୦:ଲେବି ୯:୭: ଗଣନା୮:୨୧) ପରମେଶ୍ୱରଙ୍କ ଅନୁଗ୍ରହ ଖ୍ରୀଷ୍ଟଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବେ ପ୍ରକାଶିତ ନହେବା ପୂର୍ବରୁ ମହାଯାଜକମାନେ ମଣ୍ଡଳୀର ନ୍ୟାୟ ବିଚାର କରୁଥିଲେ। ବର୍ତ୍ତମାନ ଖ୍ରୀଷ୍ଟ, ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ମଧ୍ୟସ୍ଥ ଅଟନ୍ତି। (ରୋମୀୟ ୩:୨୦-୨୬:ଗାଲାତି ୩:୧୯, ଏବ୍ରୀ ୯:୧୫, ୧୨:୫୪)। "କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟଯୀଶୁ, ଜଣେ ମନୁଷ୍ୟ। ସେ ସମସ୍ତଙ୍କ ମୁକ୍ତିର ମୂଲ୍ୟ ସ୍ୱରୂପ ଆପଣାକୁ ଦାନ କରି ଯଥା ସମୟରେ ସେଥିରେ ସାକ୍ଷ୍ୟ ଦେଇଅଛନ୍ତି।" (୧ମ ତୀମଥି ୨:୫-୬)

ପୁରାତନ ନିୟମର ପ୍ରଧାନ ଯାଜକ ପରମେଶ୍ୱରଙ୍କ ଇସ୍ରାଏଲ ଜାତି ପ୍ରତି ବାର୍ତ୍ତାବାହକ ଥିଲେ। ଇସ୍ରାଏଲ ଜାତି ପ୍ରତି ପ୍ରଭୁଙ୍କ ଇଚ୍ଛା କ'ଣ ସେ ସେମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। (ଲେବି ୧୦:୮-୧୧: ଗଣନା ୨୬:୧, ୩୧:୨୯, ଦ୍ୱିଃବଂ ୩୩:୮-୧୧) ତାହାଙ୍କ ନିର୍ଦ୍ଦେଶନାରେ ଚାଳିତ ହେବା ଇସ୍ରାଏଲ୍‌ର ବିଧି ଥିଲା। ସେହିପରି ଆମ୍ଭମାନଙ୍କ ମହାଯାଜକ ଯେ ଯୀଶୁଖ୍ରୀଷ୍ଟ ସେ ପିତା

ପରମେଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ଠାରେ ପ୍ରକାଶିତ କରି ଅଛନ୍ତି । (ଯିଶାଇୟ ୧୧:୧-୪, ମାଥିଉ ୧୧:୨୭, ୨୮:୮, ଲୂକ ୪:୧୫) ନୂତନ ନିୟମରେ ଲିଖିତ ପରମେଶ୍ୱରଙ୍କ ବାକ୍ୟ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ନିର୍ଦ୍ଦିଷ୍ଟ ହୋଇଅଛି ।

ଥରେ ଇସ୍ରାଏଲ୍ ସନ୍ତାନମାନେ ହାରୋଣଙ୍କ ଆଧିପତ୍ୟକୁ ଅସ୍ୱୀକାର କରି ବିଦ୍ରୋହୀ ହେଲେ, ହାରୋଣ ପରମେଶ୍ୱରଙ୍କ ଠାରୁ ଅଧିକାର ପ୍ରାପ୍ତ ମନୋନୀତ ବ୍ୟକ୍ତି ବୋଲି ସୂଚାଇବା ନିମନ୍ତେ ସଦାପ୍ରଭୁ ତାହାଙ୍କ ଯଷ୍ଟିରେ ଏକ ରାତ୍ରିରେ ଅଙ୍କୁରିତ ହୋଇ ପୁଷ୍ପ ଫୁଟିଲା ଓ ପକ୍ୱ ବାଦାମ ଫଳିଲା । ସେହିପରି ଯୀଶୁଖ୍ରୀଷ୍ଟଙ୍କ ଅଧିକାର ବିଷୟରେ ଯିହୂଦୀମାନେ ପ୍ରଶ୍ନ କରିବା ବେଳେ, ଅନେକ ଅଦ୍ଭୁତ ଓ ଆଶ୍ଚର୍ଯ୍ୟ କ୍ରିୟା ସାଧିତ କରି ତାହାଙ୍କ ଅଧିକାର ପରମେଶ୍ୱର ପ୍ରମାଣିତ କରିଥିଲେ । (ଯୋହନ ୩:୧-୨, ୨୦:୩୦-୩୧) । "...............ନାଜରିତୀୟ ଯୀଶୁ ନାନା ଶକ୍ତିର କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ଆପଣାମାନଙ୍କ ନିକଟତର ଈଶ୍ୱରଙ୍କ ପ୍ରେରିତ ବ୍ୟକ୍ତି ବୋଲି ପ୍ରମାଣିତ ହୋଇଅଛନ୍ତି, ତାହାଙ୍କ ଦ୍ୱାରା ଈଶ୍ୱର ଯେ ଆମ୍ଭମାନଙ୍କ ମଧ୍ୟରେ ଏହି ସମସ୍ତ କର୍ମ କରିଅଛନ୍ତି, ଏହା ଆପଣମାନେ ନିଜେ ନିଜେ ଜାଣନ୍ତି ।" (ପ୍ରେରିତ ୨:୨୨)

କେବଳ ପ୍ରଧାନ ଯାଜକ ବଳି ରକ୍ତ ନେଇ ଅତି ପବିତ୍ର ସ୍ଥାନରେ ପ୍ରବେଶ କରିବାକୁ ପରମେଶ୍ୱରଙ୍କ ଆଜ୍ଞା ଥିଲା । ଏହିପରି ଭାବେ ପ୍ରଧାନ ଯାଜକ ଆପଣା ନିମନ୍ତେ ତଥା ଇସ୍ରାଏଲ୍ ସମାଜ ନିମନ୍ତେ ପରମେଶ୍ୱରଙ୍କ ଠାରୁ ପାପକ୍ଷମା ଭିକ୍ଷା କରୁଥିଲେ । କିନ୍ତୁ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପାପରହିତ ହୋଇ ମାନବ ସମାଜର ପାପକ୍ଷମା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ । ମୃତ୍ୟୁଞ୍ଜୟୀ ସ୍ୱର୍ଗାରୁଢ଼ ହୋଇ ପରମେଶ୍ୱରଙ୍କ ଛାମୁରେ ଉପସ୍ଥିତ ଥାଇ ଆମ୍ଭମାନଙ୍କ ନିମନ୍ତେ ପରମେଶ୍ୱରଙ୍କ ନିକଟରେ ନିବେଦନ କରନ୍ତି ।

ସେ ଆମ୍ଭମାନଙ୍କ ପ୍ରଧାନ ଯାଜକ ଥିବାରୁ, ଆମ୍ଭେମାନେ ତାହାଙ୍କ ନାମରେ ପରମେଶ୍ୱରଙ୍କୁ ଆମ୍ଭମାନଙ୍କ ପ୍ରାର୍ଥନା ଉପସ୍ଥାପନା କରୁ । "ସେଦିନ ତୁମ୍ଭେମାନେ ମୋତେ କିଛି ପଚାରିବ ନାହିଁ । ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି ଯଦି ତୁମ୍ଭେମାନେ ପିତାଙ୍କୁ କିଛି ମାଗିବ, ତେବେ ମୋ' ନାମରେ ସେ ତୁମ୍ଭମାନଙ୍କୁ ତାହା ଦେବେ । ଏ ପର୍ଯ୍ୟନ୍ତ ତୁମ୍ଭେମାନେ ମୋ' ନାମରେ କିଛି ମାଗି ନାହଁ, ମାଗ, ପୁଣି ତୁମ୍ଭମାନଙ୍କର ଆନନ୍ଦ ଯେପରି ପରିପୂର୍ଣ୍ଣ ହୁଏ, ସେଥିନିମନ୍ତେ ତୁମ୍ଭେମାନେ ତାହା ପାଇବ ।" (ଯୋହନ ୧୬:୨୩-୨୪) । "ଅତଏବ, ହେ ଭାଇମାନେ, ଯୀଶୁ ବିଚ୍ଛେଦ ବସ୍ତ୍ର ଅର୍ଥାତ୍ ଆପଣା ଶରୀର ଦ୍ୱାରା ଯେଉଁ ନୂତନ ଓ ଜୀବନଦାୟକ ପଥ ଆମ୍ଭମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି, ସେହି ପଥରେ ଯୀଶୁଙ୍କ ରକ୍ତ ଦ୍ୱାରା ମହା ପବିତ୍ର ସ୍ଥାନରେ ପ୍ରବେଶ କରିବା ନିମନ୍ତେ ଆମ୍ଭମାନଙ୍କର ସାହସ ଥିବାରୁ ପୁଣି ଈଶ୍ୱରଙ୍କ ଉପରେ ନିଯୁକ୍ତ ଆମ୍ଭମାନଙ୍କର ଜଣେ ମହାନ୍ ଯାଜକ ଥିବାରୁ, ଆସ,

ଆମ୍ଭେମାନେ ହୃଦୟ ପ୍ରକ୍ଷାଳନ ଦ୍ୱାରା କଳୁଷିତ ବିବେକରୁ ଶୁଚିକୃତ ଓ ନିର୍ମଳ ଜଳରେ ଧୌତ ଶରୀର ହୋଇ ସରଳ ହୃଦୟ ସହ ପୂର୍ଣ୍ଣ ବିଶ୍ୱାସରେ ଈଶ୍ୱରଙ୍କ ନିକଟବର୍ତ୍ତୀ ହେଉ ।'' (ଏବ୍ରୀ ୧୦:୧୯-୨୨)

ପ୍ରଧାନ ଯାଜକଙ୍କ ମୃତ୍ୟୁରେ ଅଜାଣତରେ ହତ୍ୟା କରିଥିବା ନରଘାତକଙ୍କୁ ମୁକ୍ତ କରାଯାଇ ଥିଲା । (ଗଣନା ୩୫:୨୫-୨୮) । ପରମେଶ୍ୱରଙ୍କ ଯୋଜନାନୁଯାୟୀ ଆମ୍ଭମାନଙ୍କ ପ୍ରଧାନ ଯାଜକ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁରେ ମନୁଷ୍ୟଜାତି ପାପରୁ ମୁକ୍ତ ହୋଇଅଛି । ସପ୍ତାହର ପ୍ରଥମ ଦିବସରେ ଆମ୍ଭେମାନେ ପ୍ରଭୁ ଭୋଜ ପାଳନ କରି ତାହାଙ୍କ ମୃତ୍ୟୁ ସ୍ମରଣ କରି ତାହାଙ୍କ ସୁସମାଚାର ପ୍ରଚାର କରୁ । (ମାଥିଉ ୨୬:୨୬-୩୦, ମାର୍କ ୧୪:୨୨-୨୬ ଇତ୍ୟାଦି)

ପ୍ରତିଦିନ ପ୍ରଭାତରେ ପ୍ରଦୀପ ପରିଷ୍କାର କରି ସୁଗନ୍ଧ ଧୂପ ଜଳାଇବା, ମୋଶାଙ୍କ ବ୍ୟବସ୍ଥାରେ ପ୍ରଧାନ ଯାଜକଙ୍କ କାର୍ଯ୍ୟ ଥିଲା । ସୁଗନ୍ଧ ଧୂପ ଆଜ୍ଞାବହତା ଓ ବଳିଦାନର ସୂଚକ । ଯୀଶୁଖ୍ରୀଷ୍ଟ ଆଜ୍ଞାବହତା ଓ ବଳିଦାନ ଦ୍ୱାରା ପରମେଶ୍ୱରଙ୍କୁ ସୁଗନ୍ଧ ଧୂପ ରୂପେ ଆପଣାକୁ ଅର୍ପଣ କରିଥିଲେ । ଆଜି ଆମ୍ଭମାନଙ୍କୁ ସୁଗନ୍ଧ ଧୂପ ଜଳାଇବା ଆବଶ୍ୟକ ନାହିଁ, କିନ୍ତୁ ତାହାଙ୍କ ବାକ୍ୟ ପ୍ରଚାର କରିବା, ପରମେଶ୍ୱରଙ୍କ ପ୍ରଶଂସାଗାନ କରିବା ଏବଂ ଧାର୍ମିକ ଜୀବନଯାପନ କରିବା ତାହାଙ୍କ ଉଦ୍ଦେଶ୍ୟରେ ଆତ୍ମିକ ସୁଗନ୍ଧ ଧୂପ ଜଳାଇବା ସଦୃଶ୍ୟ ଅଟେ । (୨ କରନ୍ଥୀ ୨:୧୪-୧୬, ଫିଲିପ ୪:୧୮, ଏବ୍ରୀ ୧୩:୧୫, ରୋମୀୟ ୧୨:୧)

ପ୍ରଧାନ ଯାଜକ ଦ୍ୱାରା ପ୍ରଜ୍ୱଳିତ ଆଲୋକ ଅନ୍ଧକାର ଦୂର କରୁଥିଲା । (ଯାତ୍ରା ୩୦:୮, ଯାତ୍ରା ୪:୧୬) ଏବେ ଖ୍ରୀଷ୍ଟ ସେହି ଆଲୋକ ଅଟନ୍ତି । ''ସେ ମହାପବିତ୍ର ସ୍ଥାନର ପୁଣି ଯେଉଁ ଯଥାର୍ଥ ତମ୍ବୁ ମନୁଷ୍ୟ ଦ୍ୱାରା ସ୍ଥାପିତ ନ ହୋଇ ପ୍ରଭୁଙ୍କ ଦ୍ୱାରା ସ୍ଥାପିତ ହୋଇଅଛି, ସେଥିର ସେବକ ଅଟନ୍ତି ।'' (ଏବ୍ରୀ ୮:୨୧) ଆଲୋକ ସ୍ୱରୂପ ପରିତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ପିତା ପରମେଶ୍ୱରଙ୍କୁ ସୁସମାଚାର ଦ୍ୱାରା ପ୍ରକଟ କରନ୍ତି । (ଯିଶାଇୟ ୪୨:୬, ଲୂକ ୧:୭୮-୭୯, ଯୋହନ ୧:୧-୧୪, ପ୍ରଭୃତି)

## ମଲ୍କୀଷେଦକଙ୍କ ଯାଜକତ୍ୱ ଓ ଖ୍ରୀଷ୍ଟ :

ମଲ୍କୀଷେଦକ, ଖ୍ରୀ:ପୂ: ୧୯୦୦ ର ଅବ୍ରାହମଙ୍କ ସମସାମୟିକ ଥିଲେ । ଅବ୍ରାହମଙ୍କ ବଂଶରୁ ଖ୍ରୀଷ୍ଟ ଜନ୍ମ ନେବେ ବୋଲି ପରମେଶ୍ୱର ପ୍ରତିଜ୍ଞା କରିଥିଲେ । (ଆଦି ୧୨:୧-୩, ୨୨:୧୬-୧୮, ଲୂକ ୩:୨୩-୩୪)

'ମଲ୍କୀଷେଦକ' ନାମର ଅର୍ଥ 'ଧାର୍ମିକ ରାଜା' ଯେ କି ଖ୍ରୀଷ୍ଟଙ୍କ ସଦୃଶ୍ୟ ଅଟନ୍ତି । କାରଣ ଖ୍ରୀଷ୍ଟ ଆମ୍ଭମାନଙ୍କ ଧାର୍ମିକ ରାଜା ଅଟନ୍ତି । (ଯିରିମିୟ ୨୩:୫-୬, ରୋମୀୟ ୫:୧୮) ସେ ''ଶାଲମ'' ଅର୍ଥ ''ଶାନ୍ତି''ର ରାଜା ଥିଲେ, ଯାହା ତତ୍‌ପରେ ଯିରୁଶାଲମ ନାମରେ ଖ୍ୟାତ ହେଲା ।

ସେଠାସ୍ଥିତ ସିୟୋନ ପର୍ବତ ଦ୍ୱାରା ମଧ୍ୟ ଏହି ନଗର ପରିଚିତ । ଯୀଶୁଖ୍ରୀଷ୍ଟ ଶାନ୍ତିର ରାଜା ଆତ୍ମିକ ଯିରୁଶାଲମର ସମ୍ରାଟ ଯାହା କି ଆତ୍ମିକ ସିୟୋନ ଅଟେ ।

ମଲକୀଷେଦକ ପରାତ୍ପର ପରମେଶ୍ୱରଙ୍କର ଯାଜକ ଥିଲେ । ତାହାଙ୍କ ବଂଶାବଳୀ କିମ୍ବା ଯାଜକତ୍ୱ ବିଷୟରେ ବାକ୍ୟ ମୌନ ରହିଅଛି । ଅର୍ଥାତ୍ ତାହାଙ୍କ ଯାଜକତ୍ୱର ଆଦି କିମ୍ବା ଅନ୍ତ ନାହିଁ । (ଏବ୍ରୀ ୭:୩,୮) ଯୀଶୁଖ୍ରୀଷ୍ଟଙ୍କ ମଧ୍ୟ ଆଦି କିମ୍ବା ଅନ୍ତ ନାହିଁ । (ମୀଖା ୫:୨, ଯୋହନ ୧:୧-୧୮, ୮:୫୬-୫୮ ପ୍ରଭୃତି)

ମଲକୀଷେଦକ ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଦାୟକ ଜୀବନଯାପନ କରିଥିଲେ । ଯାଜକତ୍ୱ ବହନ କରୁଥିବା ଲେବି ବଂଶର କୁଳପତି ଅବ୍ରାହମ ତାଙ୍କୁ ଦଶମ ଭାଗ ଅର୍ପଣ କରିଥିଲେ । (ଆଦି ୧୪:୧୮-୨୦, ଏବ୍ରୀ ୭:୪) ଏତଦ୍ୱାରା ସେ ଅବ୍ରାହମ ତଥା ଯାଜକ ଲେବିମାନଙ୍କର ଠାରୁ ମହତ୍ତର ବୋଲି ପ୍ରମାଣିତ ହୁଏ । (ଏବ୍ରୀ ୭:୨, ୪-୭) ତାହାଙ୍କ ଯାଜକତ୍ୱ ଯୀଶୁଖ୍ରୀଷ୍ଟଙ୍କ ଯାଜକତ୍ୱ ଲେବି ଯାଜକତ୍ୱର ମହତ୍ତର ବୋଲି ଜାଣିପାରୁ ।

ଏହିପରି ପୁରାତନ ନିୟମ ଓ ନୂତନ ନିୟମ ତୁଳନା କଲେ ତନ୍ମଧ୍ୟରେ ଥିବା ବାସ୍ତବତାର ପରିଚୟ ପାଇଥାଉ । ପୁରାତନ ନିୟମ ଓ ନୂତନ ନିୟମରେ ଲିଖିତ ବାକ୍ୟ ସକଳ ଅନୁସନ୍ଧାନ କଲେ ତାହାଙ୍କ ଯୋଜିତ ପରିତ୍ରାଣ ମାର୍ଗ ବିଷୟରେ ଜାଣିପାରିବା । ତାହାଙ୍କ ଯୋଜିତ ଯୋଜନାନୁଯାୟୀ ଆମ୍ଭେମାନେ ଜୀବନଯାପନ କଲେ ଆମ୍ଭେମାନେ ପରିତ୍ରାଣ ପାଇପାରିବା ।

''ଅତଏବ ସ୍ୱର୍ଗସମୂହ ମଧ୍ୟଦେଇ ଗମନ କରିଅଛନ୍ତି, ଯେ ଈଶ୍ୱରଙ୍କ ପୁତ୍ର ଯୀଶୁ, ସେ ଆମ୍ଭମାନଙ୍କର ପ୍ରଧାନ ମହାଯାଜକ ହେବାରୁ ଆସ, ଆମ୍ଭେମାନେ ଆମ୍ଭମାନଙ୍କ ବିଶ୍ୱାସମତକୁ ଦୃଢ଼ଭାବରେ ଆମ୍ଭମାନଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଅସମର୍ଥ ଏପରି ମହାଯାଜକ ନାହାନ୍ତି ବରଂ ସେ ପାପ ରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବରେ ପରୀକ୍ଷିତ ହେଲେ, ଅତଏବ ଆସ, କୃପାପ୍ରାପ୍ତି ନିମନ୍ତେ ପୁଣି ଉପଯୁକ୍ତ ସମୟରେ ଉପକାରକ ଅନୁଗ୍ରହ ପାଇବା ନିମନ୍ତେ ଆମ୍ଭେମାନେ ସାହସରେ ଅନୁଗ୍ରହ ପାଇବା ନିମନ୍ତେ ଆମ୍ଭେମାନେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ ଯାଉ ।''

**- J.L. Leifeste**

# ନୂତନ ସୃଷ୍ଟି
## (A New Creation)

"ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି । ପୁରାତନ ବିଷୟ ସବୁ ଲୋପ ପାଇଅଛି , ଦେଖ ନୂତନ ବିଷୟ ସବୁ ହୋଇଅଛି ।" (୨ କରିନ୍ଥୀ ୫:୧୭) "ଖ୍ରୀଷ୍ଟଙ୍କ ଠାରେ" ରହିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ନୂତନୀକୃତ ହୁଏ । ଖ୍ରୀଷ୍ଟଙ୍କ ସହିତ ସଂପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସେ । ଖ୍ରୀଷ୍ଟଙ୍କ ଠାରୁ ସେ ବଳ, ଶକ୍ତି ଓ ସାହାଯ୍ୟପ୍ରାପ୍ତ ହୁଏ । ଖ୍ରୀଷ୍ଟଙ୍କ ଠାରେ ଜୀବନଯାପନ ଆରମ୍ଭ କଲେ ମନୁଷ୍ୟର ପ୍ରେମ, ଉଦ୍ଦେଶ୍ୟ ଓ ଲକ୍ଷ୍ୟରେ ମଧ୍ୟ ପରିବର୍ତ୍ତନ ଆସେ ।

"ତୁମ୍ଭେମାନେ ଯେବେ ଖ୍ରୀଷ୍ଟଙ୍କ ହିତ ଉତ୍ଥିତ ହୋଇଅଛ ତେବେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଖ୍ରୀଷ୍ଟଙ୍କର ଯେଉଁ ବାସସ୍ଥାନ ସେହି ଉର୍ଦ୍ଧ୍ୱସ୍ଥାନର ବିଷୟ ସବୁ ଅନ୍ୱେଷଣ କର । ପାର୍ଥିବ ବିଷୟରେ ଆସକ୍ତି ନ ହୋଇ ଉର୍ଦ୍ଧ୍ୱସ୍ଥ ବିଷୟରେ ଆସକ୍ତ ହୁଅ ।" (କଲସୀ ୩:୧,୨) ବାପ୍ତିସ୍ମ ଦ୍ୱାରା ଖ୍ରୀଷ୍ଟଙ୍କ ସହିତ ଉତ୍ଥାପିତ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ପରିବର୍ତ୍ତିତ ହୁଏ । ଜଗତ ଓ ଜଗତ ପ୍ରଦାନ କରୁଥିବା ଭୋଗବିଳାସ ଅନିତ୍ୟ । ଜଗତରେ ଜୀବିତ ଥିବା ପର୍ଯ୍ୟନ୍ତ ଜାଗତିକ ଭୋଗବିଳାସ ମନୁଷ୍ୟ ଉପଭୋଗ କରିଥାଏ । କିନ୍ତୁ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କ ଆଶା, ଭରସା, ଆନନ୍ଦ ନିତ୍ୟସ୍ଥାୟୀ ଅଟେ ।

'ପୁରାତନ ବିଷୟ ସବୁ ଲୋପ ପାଇଅଛି । ଦେଖ, ନୂତନ ବିଷୟ ସବୁ ହୋଇଅଛି । ପୁରାତନ ଚିନ୍ତାଧାରା, ଅଭ୍ୟାସ, ବନ୍ଧନ ଲୋପ ପାଇଅଛି । ଆତ୍ମ ବଡ଼ିମା, ପାପ ପ୍ରତି ପ୍ରେମ ଖ୍ରୀଷ୍ଟିୟାନ ଜୀବନରେ ସ୍ଥାନ ନାହିଁ । ନମ୍ରତାଭାବ ଗର୍ବର ସ୍ଥାନ କରିଅଛି । ଖ୍ରୀଷ୍ଟଙ୍କ ଠାରେ ରହିବା ବ୍ୟକ୍ତି ଉତ୍ତମ କର୍ମରେ ଶ୍ରାନ୍ତ ନ ହୁଏ । (ଗାଲାତି ୬:୯,୧୦) କେବଳ ଆପଣା ବିଷୟରେ ମନୋଯୋଗୀ ନ ହୋଇ ଅନ୍ୟର ବିଷୟରେ ମଧ୍ୟ ମନୋଯୋଗୀ ହୁଏ ।

ଏହି ଜଗତ ମନୁଷ୍ୟକୁ ଅନ୍ୟ ସମ୍ପଦ, ଭୋଗବିଳାସ, ଶକ୍ତି, ବଳ ଦେଇ ପାରେ କିନ୍ତୁ ଖ୍ରୀଷ୍ଟଙ୍କ ଠାରେ ରହିଲେ ଆମ୍ଭେମାନେ ପାପକ୍ଷମାର ଜୀବନ, ପରିବର୍ତ୍ତନର ଜୀବନ, ବିଜୟର ଜୀବନ ତଥା ଅନନ୍ତକାଳୀନ ଗୃହ ସ୍ୱର୍ଗରେ ସ୍ଥାନ ପାଇପାରିବା ।

ଆପଣ ଯଦି ଏହି ନୂତନ ଜୀବନ ଆସ୍ୱାଦନ କରିବାକୁ ଇଚ୍ଛୁକ, ତେବେ 'ଖ୍ରୀଷ୍ଟଙ୍କ ଠାରେ' ରହନ୍ତୁ । ତାହାଙ୍କ ଠାରେ ରହିବାକୁ ଆମ୍ଭମାନଙ୍କୁ ତାହାଙ୍କ ଠାରେ ବିଶ୍ୱାସ କରି, ମନ ପରିବର୍ତ୍ତନ ନ କରି ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି ଏହା ସ୍ୱୀକାର କରି ବାପ୍ତିଜିତ ହେବା ଆବଶ୍ୟକ । ଏହିପରି

ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରି ତାହାଙ୍କ ସହିତ ଜୀବନଯାପନ କରିବା ପ୍ରତ୍ୟେକ 'ନୂତନ ସୃଷ୍ଟି' ।

**- K.S. Swamidas**

# ପରମେଶ୍ୱରଙ୍କ ତୁଷ୍ଟ କିମ୍ବା ମନୁଷ୍ୟର ତୁଷ୍ଟ ?

## (Pleasing God or Pleasing Men)

''ପରମେଶ୍ୱର ମନୁଷ୍ୟକୁ ସୃଷ୍ଟି କରିବା ସମୟରେ ଆଲୋଚନା, କଥାବାର୍ତ୍ତା ଏବଂ ସ୍ୱକର୍ମ କରିବା ଶକ୍ତି ସହ ସୃଷ୍ଟି କରିଥିଲେ । ମନୁଷ୍ୟକୁ ପରମେଶ୍ୱର ଏକ ଜୀବିତ ଖେଳନା ରୂପେ ସୃଷ୍ଟି ନ କରି, ଆପଣା ସାଦୃଶ୍ୟ ଭଲମନ୍ଦର ନିର୍ଣ୍ଣୟ କରିବାର ଶକ୍ତି ସହ ସୃଷ୍ଟି କରିଥିଲେ । ଏତଦ୍ୱାରା ତାହାଙ୍କୁ ପ୍ରେମ କରି ତାହାଙ୍କ ବାକ୍ୟ ପାଳନ କରିବା କିମ୍ବା ତାହାଙ୍କୁ ଅଗ୍ରାହ୍ୟ କରି ଅମାନ୍ୟ କରିବାର ସ୍ୱାଧୀନତା ମନୁଷ୍ୟକୁ ପ୍ରଦାନ କରାଯାଏ ।

ପରମେଶ୍ୱର ତୁଷ୍ଟ ଏବଂ ମନୁଷ୍ୟର ତୁଷ୍ଟ ବ୍ୟକ୍ତିମାନଙ୍କ ଜୀବନ କାହାଣୀ ଦ୍ୱାରା ମନୁଷ୍ୟର ଜଗତର ଇତିହାସ ଗଠିତ ହୋଇଅଛି । ଏହି ନିର୍ଣ୍ଣୟ ମନୁଷ୍ୟର ବ୍ୟକ୍ତିଗତ ନିର୍ଣ୍ଣୟ । ଏହି ନିର୍ଣ୍ଣୟ ମନୁଷ୍ୟ ଜୀବନର ଅନ୍ତରେ ମନୁଷ୍ୟର ଗତି ନିର୍ଣ୍ଣୟ କରେ । ସୃଷ୍ଟିର ଆରମ୍ଭରେ ଆଜ୍ଞା ପାଳନ କରିବାକୁ କିମ୍ବା ଅମାନ୍ୟ କରିବାକୁ ଆଦମ ଓ ହବାଙ୍କୁ ସ୍ୱଇଚ୍ଛା ଦିଆଯାଇଥିଲା । ଭଲ ଓ ମନ୍ଦର ଜ୍ଞାନ ଦେଉଥିବା ଫଳ ଖାଇବାକୁ ସେମାନେ ନିଷେଧିତ ହୋଇଥିଲେ ଏବଂ ଆଜ୍ଞା ଅମାନ୍ୟ କଲେ ସେମାନେ ମୃତ୍ୟୁଭୋଗିବେ ବୋଲି ପରମେଶ୍ୱର ସେମାନଙ୍କୁ ସତର୍କକରିଥିଲେ । ସେମାନଙ୍କ ନିର୍ଣ୍ଣୟ ବିଷୟରେ ଆମ୍ଭେମାନେ ସୁପରିଚିତ । ନିଷେଧିତ ଫଳ ସେମାନେ ଖାଇବା ଦ୍ୱାରା ପାପ ଏ ଜଗତରେ ପ୍ରବେଶ କରିଥିଲା । ପାପର ପ୍ରତିଫଳେ ଶାରୀରିକ ମୃତ୍ୟୁ ଓ ଆତ୍ମିକ ମୃତ୍ୟୁ ଏହି ଜଗତରେ ପ୍ରବେଶ କରିଥିଲା ।

ନୋହଙ୍କ ସମୟରେ ସମୁଦାୟ ପୃଥିବୀ ପାପରେ ପରିପୂର୍ଣ୍ଣ ହେଲା । ସେମାନଙ୍କ କଳ୍ପନା ଅବିରତ ମନ୍ଦ ଥିଲା ବୋଲି ଆଦି ୮:୫ ପଦରେ ମୋଶା ଲେଖିଅଛନ୍ତି । ପରମେଶ୍ୱରଙ୍କ ତୁଷ୍ଟ ଜୀବନଯାପନ ନ କରି, ମନୁଷ୍ୟର ତୁଷ୍ଟ ଜୀବନଯାପନର ପ୍ରତିଫଳନ, ସେ ସମୟର ଜଗତ ଜଳପ୍ଲାବନ ଦ୍ୱାରା ବିନଷ୍ଟ ହେଲା । ମନୁଷ୍ୟମାନଙ୍କ ତୁଷ୍ଟଜନକ ଜୀବନଯାପନ ନ କରି ପରମେଶ୍ୱରଙ୍କ ତୁଷ୍ଟଜନକ ଜୀବନଯାପନକାରୀ ନୋହ ଓ ତାହାଙ୍କ ପରିବାର ଈଶ୍ୱରଙ୍କ ଠାରୁ ଅନୁଗ୍ରହ ପ୍ରାପ୍ତ ହୋଇଥିଲେ । (ଆଦି ୬:୯)

ଯୀଶୁଖ୍ରୀଷ୍ଟ ଏହି ଜଗତରେ ଅବତରଣ କରି ଏହି ଜଗତ ପାପପୂର୍ଣ୍ଣ ହୋଇଥିବା ଦେଖିଲେ । ଯିହୁଦୀମାନେ ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ହେବା ନ ଲୋଡ଼ି, ନିନ୍ଦା କରିଥିଲେ । (ମାଥିଉ ୬:୧-୧୮) ତାହାଙ୍କ ପ୍ରସ୍ଥାନ ପରେ ପାଉଲ କହିଲେ, "...............ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।" (ରୋମୀୟ ୩:୨୩) ଆଦି ମଧ୍ୟ ମନୁଷ୍ୟ ପରମେଶ୍ୱରଙ୍କ ତୃଷ୍ଟଜନକ ଜୀବନଯାପନ ନ କରି ମନୁଷ୍ୟର ତୃଷ୍ଟଜନକ ଜୀବନଯାପନ କରେ ।

ପରମେଶ୍ୱର ଆମ୍ଭମାନଙ୍କୁ ଏପରି କାହିଁକି ସୃଷ୍ଟି କଲେ ? ସେ ଅନ୍ୟଭାବେ ସୃଷ୍ଟି କଲେ ତାହାଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ ଆମ୍ଭେମାନେ ପ୍ରମାଣିତ କରିବାକୁ ସୁଯୋଗ ପାଇପାରି ନଥାନ୍ତୁ । ଆମ୍ଭମାନଙ୍କ ନିର୍ଣ୍ଣୟ ଦ୍ୱାରା ଆମ୍ଭମାନଙ୍କ ଅନନ୍ତଜୀବନର ଗତି ନିର୍ଣ୍ଣିତ ହୁଏ, ଆମ୍ଭମାନଙ୍କ ନିର୍ଣ୍ଣୟ ଦ୍ୱାରା ଆମ୍ଭେମାନେ ବିଚାରିତ ହେବୁ ।

ପରମେଶ୍ୱରଙ୍କ ତୃଷ୍ଟ ହେବାର ଅର୍ଥ, ତାହାଙ୍କୁ ପ୍ରେମ କରିବା (ମାଥିଉ ୨୨:୩୭) ସାମାଜିକ ଓ ବ୍ୟକ୍ତିଗତଭାବେ ନିୟନ୍ତ୍ରିତ ତାହାଙ୍କ ପ୍ରଶଂସା ଓ ଆରାଧନା କରିବା ଦ୍ୱାରା ଆମ୍ଭମାନଙ୍କ ପ୍ରେମ ପ୍ରକଟ କରୁ । (ଏବ୍ରୀ ୧୦:୨୫) "ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହା ହେଲେ ମୋହର ଆଜ୍ଞାସବୁ ପାଳନ କରିବ ।" (ଯୋହନ ୧୪:୧୫) । "କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା ଆଉ ତାହାଙ୍କ ଆଜ୍ଞାସବୁ ଭାରସ୍ୱରୂପ ନୁହେଁ ।" (୧ମ ଯୋହନ ୫:୩) ତାହାଙ୍କ ପୁସ୍ତକ ବାଇବଲ ଦ୍ୱାରା ଆମ୍ଭେମାନେ ତାହାଙ୍କ ଇଚ୍ଛା, ଜ୍ଞାତ ହୋଇଥାଉ । ଦୈନିକ ଜୀବନରେ ତାହାଙ୍କ ଆଜ୍ଞା ପାଳନ କରିବା ମନୁଷ୍ୟର ପ୍ରଥମ କର୍ତ୍ତବ୍ୟ ଅଟେ ।

ମନୁଷ୍ୟର ଅନ୍ତର ମନୁଷ୍ୟ କାହାକୁ ତୃଷ୍ଟ କରିବାକୁ ଚାହେଁ, ତାହା ନିର୍ଣ୍ଣୟ କରେ, ଯିହୋଶୂୟଙ୍କ ମୃତ୍ୟୁ ପୂର୍ବେ ସେ ଇସ୍ରାଏଲୀୟମାନଙ୍କୁ କହିଲେ, "...............ତୁମ୍ଭେମାନେ କାହାର ସେବା କରିବ, ତାହା ଆଜି ମନୋନୀତ କର....................." (ଯିହୋଶୂୟ ୨୪:୧୫) ଆମ୍ଭମାନଙ୍କ ଜୀବନ ଆମ୍ଭମାନଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରେ ।

ମନୁଷ୍ୟ ଓ ଶୟତାନର ତୃଷ୍ଟଜନକ ଜୀବନଯାପନ କରି ଅନନ୍ତଜୀବନ ଅନନ୍ତ ଅଗ୍ନିରେ କ୍ଷେପଣ କର କିମ୍ବା ପରମେଶ୍ୱରଙ୍କ ସେବା କରି ସ୍ୱର୍ଗର ଆଶୀଷ ସକଳର ସହଭାଗୀ ହୁଅ । ନିର୍ଣ୍ଣୟ ଆପଣଙ୍କ ।

ଆପଣ କାହାର ସେବା କରୁଅଛନ୍ତି ? କାହାକୁ ତୃଷ୍ଟଜନକ ଜୀବନଯାପନ କରୁଅଛନ୍ତି ? ପରମେଶ୍ୱରଙ୍କୁ ନା ମନୁଷ୍ୟଙ୍କୁ ?

**- Walter Swain**

# ମନୁଷ୍ୟ କି ଏକାଧିକ ଭାର୍ଯ୍ୟା ଗ୍ରହଣ କରିପାରେ?

## (Should a man have more than one wife ? )

ଆଫ୍ରିକା ଦେଶ ଓ ମୁସଲମାନ ସମାଜରେ ବହୁପତ୍ନୀ ଗ୍ରହଣର ପ୍ରଥା ପ୍ରାଚୀନ କାଳରୁ ଚଳି ଆସୁଅଛି । ପୃଥିବୀରେ ମନୁଷ୍ୟ ଜୀବନଯାପନ କରିବା ସମୟ ଠାରୁ ଏହି ପ୍ରଥାର ଅସ୍ତିତ୍ୱ ଅଛି । ଏହା ଏକ ପ୍ରାଚୀନ ପ୍ରଥା ହୋଇଥିବାରୁ, ମନୁଷ୍ୟ ଏହାକୁ ଏକ କୁପ୍ରଥା ରୂପେ ଗ୍ରହଣ କରିବାକୁ ଅନିଚ୍ଛୁକ । କିନ୍ତୁ ପାପ ଏହି ପ୍ରଥା ଠାରୁ ଆହୁରି ପ୍ରାଚୀନ । ଏହା ଅନେକ ଦିନରୁ ପ୍ରଚଳିତ ହୋଇ ଆସୁଥିବାରୁ ଏହା ମନୁଷ୍ୟ ଦୃଷ୍ଟିରେ ଗ୍ରାହ୍ୟ ଜୀବନଧାରା ହୋଇନପାରେ । ଯେଉଁ ବିଷୟ ଈଶ୍ୱରଙ୍କ ବାକ୍ୟାନୁଯାୟୀ ନୁହେଁ ତାହା ଈଶ୍ୱରଙ୍କ ଗ୍ରାହ୍ୟଯୋଗ୍ୟ ନୁହେଁ ବୋଲି ସଦା ଆମ୍ଭମାନଙ୍କୁ ମନେ ରଖିବା ଉଚିତ ।

ବହୁ ପତ୍ନୀତ୍ୱ ବିଷୟରେ ଈଶ୍ୱରଙ୍କ ମତ କ'ଣ ? ଈଶ୍ୱର ହିଁ ବିବାହର ପ୍ରଥା ଏହି ଜଗତରେ ପ୍ରଚଳିତ କରିଥିଲେ । ସେ ପ୍ରଥମେ ନର ସୃଷ୍ଟି କଲା ପରେ, ନର ଏକାକୀ ରହିବା ଭଲ ନୁହେଁ ବୋଲି ଜାଣି ନାରୀକୁ ସୃଷ୍ଟି କଲେ । ପିତା ପରମେଶ୍ୱର ଆପଣା ସୃଷ୍ଟ ଆଦମ ନିମନ୍ତେ ଏକ ନାରୀ ସୃଷ୍ଟି କରିଥିଲେ, କିନ୍ତୁ ଅନେକ ନାରୀ ବା ଭାର୍ଯ୍ୟା ସୃଷ୍ଟି କରିନଥିଲେ । ସେ ଯଦି ମନୁଷ୍ୟ ନିମନ୍ତେ ଏକାଧିକ ଭାର୍ଯ୍ୟା ରହିବା ପସନ୍ଦ କରିଥାନ୍ତେ, ସେ ଏକାଧିକ ନାରୀ ତାହାଙ୍କ ନିମନ୍ତେ ସୃଷ୍ଟି କରିପାରିଥାନ୍ତେ । ସର୍ବ ମଙ୍ଗଳକାରୀ ପରମେଶ୍ୱର ସର୍ବଜ୍ଞାନୀ ଅଟନ୍ତି ।

ମନୁଷ୍ୟର ଆପଣା ରୀତିନୀତି ଦ୍ୱାରା ବିବାହ ପ୍ରଥାରେ ଅନେକ ବିଷୟ ଜଡ଼ିତ କରାଯାଇଅଛି । କେତୋଟି ପ୍ରଭୁଙ୍କ ଯୋଜନାଗତ ଓ କେତେକ ପ୍ରଭୁଙ୍କ ଇଚ୍ଛା ବିରୁଦ୍ଧ । ବହୁପତ୍ନୀର ପ୍ରଥା ମଧ୍ୟ ମନୁଷ୍ୟ ଦ୍ୱାରା ଉଦ୍ଭାବିତ । ଏହା ପରମେଶ୍ୱରଙ୍କ ଯୋଜନାର ବାହାରେ । ଯାହା ଈଶ୍ୱରଙ୍କ ଇଚ୍ଛା ବା ଯୋଜନା ନୁହେଁ, ତାହା ଅପରାଧ ରୂପେ ପରିଗଣିତ ହେବ ।

ଅନେକ ବହୁପତ୍ନୀକ ବିଷୟରେ ବାଇବଲରେ ପଢ଼ିପାରୁ । ଲେମକ ଇତିହାସର ପ୍ରଥମ ବହୁପତ୍ନୀକ ଥିଲେ । (ଆଦି ୪:୧୯-୨୪) ଆଦମଙ୍କ ପରେ ଷଷ୍ଠ ପୁରୁଷ ଲେମକ ବିଷୟରେ ବାଇବଲର ବାକ୍ୟରେ କୌଣସି ଉତ୍ତମ ବିଷୟ ଲେଖାଯାଏ ନାହିଁ ।

ଆଦିପିତା ଅବ୍ରାହାମଙ୍କର ଏକାଧିକ ପତ୍ନୀ ଥିଲେ । (ଆଦି ୧୬:୧-୫) ତାହାଙ୍କ ଭାର୍ଯ୍ୟା ସାରା ବନ୍ଧ୍ୟା ଥିବାରୁ, ଆପଣା ଦାସୀ ହାଗରଙ୍କୁ ଅବ୍ରାହାମ ସହିତ ବିବାହ କରିଥିଲେ । ହାଗରଙ୍କୁ ସନ୍ତାନ ପ୍ରାପ୍ତ ହେବା ପରେ ଅବ୍ରାହାମ ପରିବାରଙ୍କ ଈର୍ଷା ଓ କଷ୍ଟରେ ପୂର୍ଣ୍ଣ ହେଲା ।

ତାହାଙ୍କ ପପୌତ୍ର ଓ ଇସ୍‌ହାକ ଓ ରିବିକାଙ୍କ ଜ୍ୟେଷ୍ଠ ପୁତ୍ର ବହୁପତ୍ନୀକ ଥିଲେ । ସେ ଦ୍ୱିତୀୟ

ଦୁଇ ଭାର୍ଯ୍ୟା ଗ୍ରହଣ କରିଥିଲେ, ଯେଉଁମାନେ ଇସ୍‌ହାକ ଓ ରିବିକାଙ୍କ ମନ ଦୁଃଖଦାୟିନୀ ଥିଲେ । ବହୁପତ୍ନୀକ ପ୍ରଥା କେବଳ ସେହି ପରିବାର ବ୍ୟତୀତ ଅନ୍ୟମାନଙ୍କ ଜୀବନରେ ମଧ୍ୟ ପ୍ରଭାବ ପକାଏ ।

ଗିଦିୟୋନ ଜଣେ ମହାନ୍ ଯୋଦ୍ଧା ଥିଲେ । ତାହାଙ୍କର ଅନେକ ଭାର୍ଯ୍ୟା ଓ ସତୁରୀ ପୁତ୍ର ଥିଲେ । ଏତେଗୁଡ଼ିଏ ସନ୍ତାନମାନଙ୍କୁ ପରମେଶ୍ୱରଙ୍କ ମାର୍ଗରେ ଚଳାଇବା ଗିଦିୟୋନଙ୍କୁ କଷ୍ଟକର ହୋଇଥିଲା ।

ଶଲୋମନ ରାଜାଙ୍କ ସାତଶହ ପତ୍ନୀ, ରାଜକୁମାରୀ ଓ ତିନିଶହ ଉପପତ୍ନୀ ଥିଲେ । ତାହାଙ୍କ ପତ୍ନୀମାନଙ୍କ ଦ୍ୱାରା ତାହାଙ୍କ ହୃଦୟ ପରମେଶ୍ୱରଙ୍କ ଠାରୁ ବିମୁଖ ହୋଇଥିଲା । ବହୁପତ୍ନୀତ୍ୱ ତାହାଙ୍କ ପତନର କାରଣ ହୋଇଥିଲା ।

ବହୁପତ୍ନୀକମାନଙ୍କ ଜୀବନଗତ କର୍ମରେ ସୁଖମୟ ନଥିଲା କିମ୍ବା ଏବେ ମଧ୍ୟ ସୁଖଦାୟକ ନୁହେଁ । ଏଥିରେ କିଛି ପରିବର୍ତ୍ତନ ନାହିଁ କିମ୍ବା ସନ୍ଦେହ ବି ନାହିଁ ।

ବହୁପତ୍ନୀକ ପ୍ରଥା ବିରୁଦ୍ଧରେ ବାକ୍ୟ କ'ଣ କହେ ? ''ଆଦି ୨:୨୪ ପଦରେ କୁହାଯାଏ, ''ଏଥି ନିମନ୍ତେ ମନୁଷ୍ୟ ଆପଣା ପିତାମାତାଙ୍କୁ ଛାଡ଼ି ଆପଣା ଭାର୍ଯ୍ୟା ଠାରେ ଆସକ୍ତ ହେବ, ଆଉ ସେମାନେ ଏକାଙ୍ଗ ହେବେ ।'' ଏଠାରେ ପରମେଶ୍ୱର ''ଭାର୍ଯ୍ୟାମାନଙ୍କ ଠାରେ ଆସକ୍ତ ହେବ'' ବୋଲି ନ କହି ''ଭାର୍ଯ୍ୟା ଠାରେ ଆସକ୍ତ ହେବ'' ବୋଲି କହିଅଛନ୍ତି ।

ପ୍ରେରିତ ପାଉଲ ସ୍ୱାମୀ ଓ ଭାର୍ଯ୍ୟାଙ୍କୁ ଖ୍ରୀଷ୍ଟ ଓ ମଣ୍ଡଳୀ ସହିତ ତୁଳନା କରନ୍ତି । ''କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ୍ୟ ସେହିପରି ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା (ଏଫିସୀ ୧:୨୨,୨୩) ପଦଗୁଡ଼ିକରେ ମଣ୍ଡଳୀକୁ ଖ୍ରୀଷ୍ଟଙ୍କ ଶରୀରରୂପେ କୁହାଯାଏ । କେବଳ, ଏକମାତ୍ର ଶରୀର ଥିବାରୁ (ଏଫିସୀ ୪:୪) ମଣ୍ଡଳୀ ମଧ୍ୟ ଏକମାତ୍ର । ଖ୍ରୀଷ୍ଟଙ୍କ ଏକମାତ୍ର ମଣ୍ଡଳୀ ଅଛି ଓ ସ୍ୱାମୀର ଏକମାତ୍ର ଭାର୍ଯ୍ୟା । ବହୁପତ୍ନୀକ ଲୋକେ ଈଶ୍ୱରଙ୍କ ଦୃଷ୍ଟିରେ ତୁଷ୍ଟଜନକ ଜୀବନଯାପନ କରିପାରନ୍ତି ।

ମାଥିଉ ୧୯:୪-୮ ପଦଗୁଡ଼ିକରେ ସ୍ତ୍ରୀ ତ୍ୟାଗ ପରମେଶ୍ୱର ବିରୁଦ୍ଧ ବୋଲି ଯୀଶୁ ଏହି ପଦଗୁଡ଼ିକରେ ସୁସ୍ପଷ୍ଟ କରନ୍ତି । ତଦ୍ ସଦୃଶ୍ୟ ଏକାଧିକ ପତ୍ନୀ ଗ୍ରହଣ କରିବା ମଧ୍ୟ ଈଶ୍ୱରଙ୍କ ବାକ୍ୟ ବିରୁଦ୍ଧ, କାରଣ ଯୀଶୁ କହନ୍ତି, ''ଏହି କାରଣରୁ ପୁରୁଷ ପିତାମାତାଙ୍କୁ ପରିତ୍ୟାଗ କରି ନିଜ ସ୍ତ୍ରୀ ଠାରେ ଆସକ୍ତ ହେବ, ଆଉ ସେ ଦୁହେଁ ଏକାଙ୍ଗ ହେବେ ।'' ଏକ ପୁରୁଷ ଓ ଏକ ସ୍ତ୍ରୀ ବିବାହ ଦ୍ୱାରା ଏକାଙ୍ଗ ହୁଅନ୍ତି । ଏକାଧିକ ସ୍ତ୍ରୀ ଗ୍ରହଣ କରିବା ପାପ ଏବଂ ପରମେଶ୍ୱର ପାପ ଘୃଣା କରନ୍ତି ।

ଅଧ୍ୟକ୍ଷମାନଙ୍କ ଯୋଗ୍ୟତା ବିଷୟରେ ପ୍ରେରିତ ପାଉଲ ତୀମଥିଙ୍କୁ କହନ୍ତି, ସେମାନେ 'ଏକ ସ୍ତ୍ରୀ, ସ୍ୱାମୀ' ହେବା ଆବଶ୍ୟକ । କାରଣ ଏକାଧିକ ପତ୍ନୀ ଗ୍ରହଣ କରିବା ଈଶ୍ୱରଦତ୍ତ ପ୍ରଥା ନୁହେଁ । ତେବେ ଜଣେ ମଣ୍ଡଳୀର ଅଧ୍ୟକ୍ଷ ବହୁପତ୍ନୀକ ହେବା କି ଶୋଭାଜନକ ? ପରମେଶ୍ୱର ବହୁପତ୍ନୀକ ପ୍ରଥା ତୁଚ୍ଛ କରନ୍ତି । ଯେଉଁମାନେ ଏହି ପ୍ରଥା ଅବଲମ୍ବନ କରନ୍ତି ସେମାନେ ଈଶ୍ୱରଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହୁଅନ୍ତି । ସେହିପରି ବ୍ୟକ୍ତିମାନେ ମଣ୍ଡଳୀରଅଧ୍ୟକ୍ଷପଦ ପ୍ରାପ୍ତ ହୋଇପାରନ୍ତି ନାହିଁ ।

ବାଇବଲରେ ଲିଖିତ କେତୋଟିଘଟଣାବଳୀରୁ ବହୁପତ୍ନୀ ପ୍ରଥାର ସମସ୍ୟା ଜାଣିପାରିବା । (୧) ଏହି ପ୍ରଥା ଇର୍ଷା ଓ କଳହ ସୃଷ୍ଟି କରେ । ଯୋସେଫ ଆପଣା ବୈମାତୃକ ଭାଇମାନଙ୍କ ଦ୍ୱାରା ମିଶର ଦାସତ୍ୱକୁ ବିକ୍ରିତ ହୋଇଥିଲେ । (୨) ସ୍ୱାମୀ ଆପଣା ଇଚ୍ଛା ସାଧନ କରିଥାଏ, କିନ୍ତୁ ଆପଣା ସ୍ତ୍ରୀମାନଙ୍କ ଇଚ୍ଛା ସକଳ ସଫଳ କରିପାରେ ନାହିଁ । (୩) ବହୁପତ୍ନୀମାନଙ୍କଦ୍ୱାରା ଜାତ ବହୁ ସନ୍ତାନସନ୍ତତିମାନଙ୍କୁ ପିତା କିପରି ପ୍ରଭୁଙ୍କ ଶିକ୍ଷା ଓ ଚେତନାରେ ପ୍ରତିପାଳନ କରିପାରିବ ? (ଏଫିସୀ ୬:୪) (୪) ବହୁପତ୍ନୀ ପ୍ରଥା ମନୁଷ୍ୟକୁ ପରମେଶ୍ୱରଙ୍କ ନିକଟବର୍ତ୍ତୀ କରିବା ପରିବର୍ତ୍ତେ ଦୂରେଇ ନିଏ । ଯାହା ଆମ୍ଭମାନଙ୍କୁ ପ୍ରଭୁଙ୍କ ଠାରୁ ଦୂରେଇ ନିଏ, ସେପରି କାର୍ଯ୍ୟଠାରୁ ଆମ୍ଭେମାନେ ଆପଣାକୁ ସର୍ବଦା ପୃଥକ ରଖିବା ଆବଶ୍ୟକ । (୫) ଏତଦ୍ୱାରା ସ୍ୱାମୀ, ଭାର୍ଯ୍ୟାର କର୍ତ୍ତାରୂପେ ଗଣିତ ହେବ, ଯାହା ବିବାହ ବିଷୟରେ ପରମେଶ୍ୱରଙ୍କ ଇଚ୍ଛା ନୁହେଁ । ସ୍ୱାମୀ, ସ୍ତ୍ରୀ ଓ ପରିବାର ମୁଖ୍ୟ ଅଟେ । ଖ୍ରୀଷ୍ଟ ଆପଣା ମଣ୍ଡଳୀକୁ ପ୍ରେମ କରିବା ସଦୃଶ୍ୟ ସ୍ୱାମୀ ଆପଣା ସ୍ତ୍ରୀକୁ ପ୍ରେମ କରିବା ଆବଶ୍ୟକ । (ଏଫିସୀ ୫ମ ଅଧ୍ୟାୟ) ଖ୍ରୀଷ୍ଟ ମଣ୍ଡଳୀ ନିମନ୍ତେ ଆପଣା ପ୍ରାଣ ଉତ୍ସର୍ଗକରିଥିଲେ, ସ୍ୱାମୀ କି ଆପଣା ସ୍ତ୍ରୀମାନଙ୍କ ନିମନ୍ତେ ଆପଣା ପ୍ରାଣ ଉତ୍ସର୍ଗ କରିପାରେ ? ବହୁପତ୍ନୀକ ଆପଣା ସୁଖ ଖୋଜେ । ଆପଣା ଦୃଷ୍ଟିରେ ଆପଣାକୁ ମହାନ ଗଣିତ କରେ । କିନ୍ତୁ ଈଶ୍ୱରଙ୍କ ଦୃଷ୍ଟିରେ ଦୂରୀକୃତ ହୁଏ ।

ବହୁପତ୍ନୀକମାନେ କିପରି ଖ୍ରୀଷ୍ଟିୟାନ ହୋଇ ପାରିବେ ? ପ୍ରଥମେ, ଆପଣା ଅପରାଧ ଜ୍ଞାତ ହୋଇ, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରିବା ଆବଶ୍ୟକ । ଆପଣା ପାପରୁ ମନ ପରିବର୍ତ୍ତନ କରି, ପ୍ରଥମ ଭାର୍ଯ୍ୟା ବ୍ୟତୀତ ଅନ୍ୟମାନଙ୍କୁ ତ୍ୟାଗ କରିବା ଆବଶ୍ୟକ । ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ ସ୍ୱୀକାର କରି ବାପ୍ତିସ୍ମ ନେବା ଆବଶ୍ୟକ । ବାପ୍ତିସ୍ମ, ପାପକ୍ଷମା ନିମନ୍ତେ ଜଳରେ ସମାଧି । ଏହି ସବୁ କ୍ରିୟା ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ପ୍ରତ୍ୟେକ ପାପରୁ ମୁକ୍ତ ହୋଇ ଖ୍ରୀଷ୍ଟିୟାନ ହୁଏ । (ପ୍ରେରିତ ୨:୩୮, ମାର୍କ ୧୬:୧୬, ପ୍ରେରିତ ୨୨:୧୬, ୧ମ ପିତର ୩:୨୧) ଆପଣ ଯଦି ଉପରୋକ୍ତ କ୍ରିୟା କରିନାହାନ୍ତି ତାହାହେଲେ ଆପଣ ଏବେ ଯାଏ ଖ୍ରୀଷ୍ଟିୟାନ ନୁହଁନ୍ତି । ଖ୍ରୀଷ୍ଟିୟାନ ହେବା ନିମନ୍ତେ ଯଦି ଆପଣ କୌଣସି ସାହାଯ୍ୟ ଚାହାନ୍ତି, ଆପଣଙ୍କୁ ସାହାଯ୍ୟ କରିବାରେ ଆମେ ସଦା ପ୍ରସ୍ତୁତ ।

**Edwin Crook Shanle**

# LOVE THE BRETHREN

1 corinthians 13

INTRODUCTION :

1. God loved the world (John 3:16).
2. Theme of the Bible is love.
3. Man is also to love.
4. Need more love in the world.
5. Should be our greatest motive.

DISCUSSION :

## I To love God (Matthew 22:37)

1. To keep the commandments (John 14:15).
2. All things work for good (Romans 8:28).
3. Love him (1 John 4:19).

## II To love our Neighbor (Matthew 22:39)

1. Man loves himself.
2. To love our neighbor as much.

## III To love the brethren

1. Love one another (John 15:12,17).
2. Taught to love (1 Thessalonians 4:9).
3. Love the brotherhood (1 Peter 2:17).
4. Love as brethren (1 Peter 3:8,9).
5. Love one another (1 John 4:12).
6. Love the children of God (1 John 5:2).

CONCLUSION :

1. God loved the world and would have us to love the souls of men.
2. Christ loved the church and would have us to love the brethren.
3. Love will lead us to do many things and will keep us from many things too.
4. Read 1 John 4.

-- J.C. CHOATE.

From:

SATYA VANI
P.O. BOX 80,
KAKINADA - 533 001

Printed Book Only

To

(FOR PRIVATE CIRCULATION ONLY)